# NATIONAL NEWS BULLETIN (ODIA)

## 01st June - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଏବଂ ଏସୀୟ ବିକାଶ ବ୍ୟାଙ୍କ୍ - ଏ.ଡି.ବି. ଅଧ୍ୟକ୍ଷଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ।

— ଗତ ଦଶନ୍ଧି ମଧ୍ୟରେ ଭାରତ' ଦ୍ରୁତ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହୋଇ ଲୋକଙ୍କୁ ସଶକ୍ତ କରିଛି; କହିଲେ ପ୍ରଧାନମନ୍ତ୍ରୀ ।

- ଉତ୍ତର-ପୂର୍ବାଞ୍ଚଳର ୪ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ବନ୍ୟା ଓ ଭୂସ୍ଖଳନର ମୁକାବିଲା ନେଇ କଥାବାର୍ତ୍ତା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆଗାମୀ ୭ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ହେବାନେଇ ଭାରତୀୟ ପାଣିପାଗ ବିଭାଗର ସୂଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟର ଆଜିର ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ୍ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଏ.ଡି.ବି. ପ୍ରେଜ୍ ମିଟ୍

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଏସୀୟ ବିକାଶ ବ୍ୟାଙ୍କ୍ - ଏ.ଡି.ବି.ର ଅଧ୍ୟକ୍ଷ ମାସାଟୋ କାଣ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଭାରତ ଦ୍ରୁତ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହୋଇ ଲୋକମାନଙ୍କୁ ସଶକ୍ତ କରିଛି । ଏହି ଅଭିଯାନରେ ଦେଶ ତା'ର ଗତିକୁ ଆହୁରି ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ଉଭୟ ପକ୍ଷ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏ.ଡି.ବି.ର ଅଧ୍ୟକ୍ଷ ଶ୍ରୀ କାଣ୍ଡା କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଏ.ଡି.ବି. ପୌର ଭିତ୍ତିଭୂମିର ବିକାଶ, ମେଟ୍ରୋ ନେଟ୍‌ୱାର୍କର ବିସ୍ତାର, ନୂତନ ଆଞ୍ଚଳିକ ର୍‍ୟାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ କରିଡର ନିର୍ମାଣ ଏବଂ ସହରୀ ଆଧୁନିକୀକରଣ ପାଇଁ ତୃତୀୟ ପକ୍ଷ ପୁଞ୍ଜି ସହାୟତା ୧୦ ବିଲିୟନ୍ ଡଲାର ନିବେଶ କରିବାକୁ ଲକ୍ଷ୍ୟ ରଖିଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ କାଣ୍ଡା ବିକଶିତ ଭାରତ-୨୦୪୭ ଦୃଷ୍ଟିକୋଣକୁ ଉଚ୍ଚ ପ୍ରଶଂସା କରି ଏହାକୁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଭାବେ ପରିଗଣିତ

କରିଛନ୍ତି । ଭାରତ ଏ.ଡି.ବି.ର ଏକ ବିଶେଷ ଅଂଶୀଦାର ଭାବେ ଉଲ୍ଲେଖ କରି ସରକାରୀ ଏବଂ ଘରୋଇ କ୍ଷେତ୍ରରେ ଆର୍ଥିକ ସହାୟତା ବୃଦ୍ଧି, ପୁଞ୍ଜିନିବେଶ ଆଦି ବିକଶିତ ରାଷ୍ଟ୍ର ଗଠନ ହେବାରେ ସହାଯ୍ୟ କରିବ ବୋଲି ସେ କହିଛନ୍ତି ।

## ଅମିତ୍ ଶାହା - ଏନ୍.ଇ. ସି.ଏମ୍ସ୍.

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୪ଟି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ମଣିପୁର, ସିକ୍କିମ ଏବଂ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିଛନ୍ତି । ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ସେହିସବୁ ଅଞ୍ଚଳରେ ଘଟୁଥିବା ବନ୍ୟା ଏବଂ ଭୂସ୍ଖଳନର କଡ଼ା ମୁକାବିଲା କରିବାକୁ କେନ୍ଦ୍ର ସରକାର ପୂର୍ଣ୍ଣ ସହାୟତା ପ୍ରଦାନ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ସେହି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଶ୍ରୀ ଶାହା ବ୍ୟକ୍ତିଗତଭାବେ କଥାହୋଇ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ମୋଦି ସରକାର ଉତ୍ତର-ପୂର୍ବାଞ୍ଚଳ ଲୋକଙ୍କ ସମର୍ଥନରେ ସମ୍ପୂର୍ଣ୍ଣଭାବେ ସମର୍ପିତ ରହିଛନ୍ତି ।  ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ କଥାହୋଇ କହିଛନ୍ତି, କେନ୍ଦ୍ର ସରକାର ଯେପରି ତୁରନ୍ତ ସହାୟତା ପ୍ରଦାନ କରୁଛନ୍ତି, ସେଥିପାଇଁ ସେ ଧନ୍ୟବାଦ ଜଣାଇଛନ୍ତି । ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ଅଗ୍ନିଶମ ବାହିନୀ ତଥା ସ୍ଥାନୀୟ

ପ୍ରଶାସନ ଅହରହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିସବୁ ଅଞ୍ଚଳରେ ଅଧିକ ବର୍ଷା ହେବାର ଆଶଙ୍କା କରାଯାଉଥିବାରୁ ଅଧିକାରୀମାନେ ସତର୍କ ରହି କ୍ଷୟକ୍ଷତିକୁ ହ୍ରାସ କରାଯିବା ସହିତ ରିଲିଫ୍ କାର୍ଯ୍ୟର ତ୍ୱରାନ୍ୱିତ କରିବାକୁ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି ।

## ଅମିତ୍ ଶାହା - ଡବ୍ଲ୍ୟୁ.ବି.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରକୁ କଟୁ ସମାଲୋଚନା କରିଛନ୍ତି । ଆସନ୍ତା ୨୦୨୬ରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବି.ଜେ.ପି. ଭାରତୀୟ ଜନତା ପାର୍ଟି ପରବର୍ତ୍ତୀ ସରକାର ଗଠନ କରିବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉଲ୍ଲେଖ କରି ଶ୍ରୀ ଶାହା କହିଛନ୍ତି, ନିର୍ବାଚନ ପରବର୍ତ୍ତୀ ହିଂସା, ସୀମାନ୍ତ ଅଞ୍ଚଳରୁ ଅନୁପ୍ରବେଶ, ଦୁର୍ନୀତି ଏବଂ ମହିଳାମାନଙ୍କ ପ୍ରତି ବଢୁଥିବା ଅପରାଧ ସରକାରଙ୍କ ପ୍ରଶାସନିକ ବିଫଳତାକୁ ପ୍ରମାଣ କରୁଛି । କୋଲ୍‌କାତାରେ ଆଜି ନେତାଜୀ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ଜନସଭାକୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି ।

***Voice :.........***

ଗଣତନ୍ତ୍ରକୁ ବଜାୟ ରଖିବାରେ ସରକାର ବିଫଳ ହୋଇଛନ୍ତ ବୋଲି ସେ ଅଭିଯୋଗ କରିଛନ୍ତି । ଗତ ବିଧାନସଭା ନିର୍ବାଚନରେ ବହୁ ବି.ଜେ.ପି.

କର୍ମୀଙ୍କ ମୃତ୍ୟୁକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି । କୌଣସି ଏକ ଘଟଣାର ପ୍ରକୃତ ନାମ ନ ନେଇ ଶ୍ରୀ ଶାହା ଟି.ଏମ୍.ସି. ଦଳକୁ ଦୋଷାରୋପ କରି କହିଛନ୍ତି, ବେଙ୍ଗଲ ନେତୃତ୍ୱ କେନ୍ଦ୍ରୀୟ ସାମରିକ ଅଭିଯାନକୁ ବିରୋଧ କରିବା ସହ ବିଭିନ୍ନ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି । ଏପରି ଘଟଣା ଦେଶର ପ୍ରତିଷ୍ଠା ତଥା ନାଗରିକମାନଙ୍କ ଭାବନାକୁ ଆଘାତ ପହଞ୍ଚାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି ।

## ଅମିତ୍ ଶାହା - ସେଣ୍ଟସ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କୋଲ୍‌କାତାର ସିମ୍‌ଲା ଷ୍ଟ୍ରିଟ୍ ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପୈତୃକ ବାସଭବନକୁ ଯାଇ ସାଧୁସନ୍ଥମାନଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିଛନ୍ତି । ଶ୍ରୀ ଶାହା ଏହି ଅବସରରେ ସ୍ୱାମିଜୀଙ୍କ ସ୍ମୃତିକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଆଲୋଚନାରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର ପ୍ରାୟ ୨ ଶହ ସାଧୁସନ୍ଥ ଯୋଗ ଦେଇଥିଲେ । ବୈଠକରେ ରାଜ୍ୟରେ ଅନୁପ୍ରବେଶ ଏବଂ ସାମ୍ପ୍ରତିକ ପ୍ରସଙ୍ଗ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଶ୍ରୀ ଶାହା ସନାତନ ସମ୍ପ୍ରଦାୟକୁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି ବୋଲି ଉପସ୍ଥିତ ସାଧୁସନ୍ଥମାନେ ମତପ୍ରକାଶ କରିଛନ୍ତି ।

# ଇଣ୍ଡିଆ-ମଙ୍ଗୋଲିଆ ଏକ୍ସରସାଇଜ୍

ଭାରତ-ମଙ୍ଗୋଲିଆ ମିଳିତ ସମରାଭ୍ୟାସର ୧୭ତମ ସଂସ୍କରଣ 'ନୋମାଡିକ୍ ଏଲିଫ୍ୟାଣ୍ଟ୍' ମଙ୍ଗୋଲିଆର ଉଲାନ୍ ବାଟାର୍‌ସ୍ଥିତ ସ୍ୱତନ୍ତ୍ର ବଳ ତାଲିମ୍‌କେନ୍ଦ୍ରରେ ଚାଲିଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ସମରାଭ୍ୟାସ ଜୁନ୍ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସାମରିକ ଅଭ୍ୟାସରେ ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ବର୍ଦ୍ଧିତ ପ୍ରତିରକ୍ଷା ସହଯୋଗକୁ ଏହା ପ୍ରତିଫଳିତ କରୁଛି । ଉଦ୍‌ଘାଟନୀ ସମାରୋହରେ ମଙ୍ଗୋଲିଆରେ ଭାରତର ରାଷ୍ଟ୍ରଦୂତ ଅତୁଲ ମଲାହାରୀ ଗଟସୁର୍ଭେ ଏବଂ ମଙ୍ଗୋଲିଆ ପକ୍ଷରୁ ମେଜର ଜେନେରାଲ୍ ଲଖଭାସୁରେନ୍ ଗାନ୍‌ସେଲମ୍ ପ୍ରମୁଖ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉଭୟ ଅଂଶଗ୍ରହଣକାରୀ ସୈନ୍ୟମାନଙ୍କୁ ଶୁଭକାମନା ଜଣାଇବା ସହ ଏହି ଅଭ୍ୟାସଦ୍ୱାରା ଦୁଇ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ଅଧିକ ସହଯୋଗ ଏବଂ ପାରସ୍ପରିକ ବୁଝାମଣା ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି । ସେମାନେ କହିଛନ୍ତି, ଏହି ସମରାଭ୍ୟାସ କେବଳ ଉଭୟ ସେନାର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ବୃଦ୍ଧି କରିବ ନାହିଁ; ବରଂ ଭାରତ-ମଙ୍ଗୋଲିଆ ମଧ୍ୟରେ ସ୍ଥାୟୀ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ସୂଚନାଯୋଗ୍ୟ, ଏହି ମିଳିତ ଅଭ୍ୟାସରେ ଅର୍ଦ୍ଧ-ପାହାଡ଼ିଆ ଅଞ୍ଚଳରେ ଆତଙ୍କବାଦ ବିରୋଧୀ ଅଭିଯାନ ଅନ୍ତର୍ଭୁକ୍ତ ହେବ । ଏହା ସମସାମୟିକ ସୁରକ୍ଷା ଦୃଷ୍ଟିପଟକୁ ଆଖିରେ ରଖି

କରାଯାଉଥିବାର ଜଣାପଡ଼ିଛି । ସୈନ୍ୟମାନେ ମିଳିତ ଜାତିସଂଘର ଶାନ୍ତିରକ୍ଷା ଅଭିଯାନ ସମୟରେ କରାଯାଇଥିବା କାର୍ଯ୍ୟକଳାପର ଅଭ୍ୟାସ ମଧ୍ୟ କରିବେ ।

## ଦାନିଶ ଅପରେସନ୍ ସିନ୍ଦୂର

ଜମ୍ମୁ-କାଶ୍ମୀରର ପହଲ୍‌ଗାମ୍‌ରେ ଘଟିଥିବା ବର୍ବର ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତର ଦୃଢ଼ କାର୍ଯ୍ୟାନୁଷ୍ଠାନ ବିଶ୍ୱସ୍ତରରେ ପ୍ରଶଂସା ଲାଭ କରିପାରିଛି । ଡେନ୍‌ମାର୍କର ପୂର୍ବତନ ରାଷ୍ଟ୍ରଦୂତ ଫ୍ରେଡୀ ସାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରେ ମୋଦିଙ୍କୁ ଭାରତର ଜଣେ ପ୍ରକୃତ ରକ୍ଷକ ଭାବରେ ବର୍ଣ୍ଣନା କରିବା ସହ ବିଶ୍ୱ ସ୍ତରରେ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ଏକ ସମ୍ବାଦ ସଂସ୍ଥା ସହ ସାକ୍ଷାତ୍‌କାରରେ ସେ କହିଛନ୍ତି, ଭାରତ ବିଶ୍ୱ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳୀ ଭାବେ ଉଭା ହୋଇଛି ଏବଂ ଯେକୌଣସି ପରିସ୍ଥିତିରେ ଆତଙ୍କବାଦର ବିରୋଧ କରିବା ଲାଗି ପ୍ରସ୍ତୁତ ରହିଛି । ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ବିଶ୍ୱ ସ୍ତରରେ ନିନ୍ଦା କରାଯାଇଛି ଏବଂ ଏ କ୍ଷେତ୍ରରେ ଭାରତର ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି । ଡେନ୍‌ମାର୍କର ପୂର୍ବତନ ରାଷ୍ଟ୍ରଦୂତ ମଧ୍ୟ ସୀମାପାର ଆତଙ୍କବାଦ ନେଇ ପାକିସ୍ତାନକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି,

ଆତଙ୍କବାଦର ମୂଳୋତ୍ପାଟନ ନେଇ ବିଶ୍ୱ ଏକସ୍ୱରରେ ଏହାର ବିରୋଧ କରିବା ଆବଶ୍ୟକ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ବାଣିଜ୍ୟରେ ଡାର୍କ ପାଟର୍ଣ୍ଣରୁ ଗ୍ରାହକମାନଙ୍କୁ ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଖାଉଟି ଆଇନ, ଆଧିକାର ଏବଂ ସୁରକ୍ଷା କର୍ମୀ ତଥା ବିଶେଷଜ୍ଞ ପୁଷ୍ପା ଗରିମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଅଜିତ୍ ପାୱାର - ପୁଣେ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି, କୃଷି କେବଳ ଖାଦ୍ୟଯୋଗାଣର ଏକ ମାଧ୍ୟମ ନୁହେଁ; ବରଂ ଏହା ସଂସ୍କୃତି, ପରିବେଶ, ଅର୍ଥନୀତିର ଭିତ୍ତିଭୂମି । ପୁଣେଠାରେ ଅନୁଷ୍ଠିତ ଦେଶର ପ୍ରଥମ କୃଷି ହାକାଥନ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ପାୱାର କହିଛନ୍ତି, ଡିଜିଟାଲ୍ ଯୁଗରେ କୃଷି କେବଳ ହିଁ ଏକମାତ୍ର ବୈଶ୍ୱିକ ମଡେଲ୍ ଭାବେ କାର୍ଯ୍ୟ କରିବା । ଏହି କାର୍ଯ୍ୟକ୍ରମ କୃଷି ବିଭାଗ ଏବଂ ମହାତ୍ମା ଫୁଲେ କୃଷି ବିଦ୍ୟାପୀଠର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି । ଏଥିରେ ଦେଶର ୧୮ ଶହରୁ ଊର୍ଦ୍ଧ୍ୱ ଗବେଷକ ଯୋଗ ଦେଇଛନ୍ତି । ଏହି ହାକାଥନ ଆସନ୍ତା ମଙ୍ଗଳବାର ଦିନ ଉଦ୍‌ଯାପିତ ହେବ ।

## ଆଇ.ଏମ୍.ଡି. - ୱେଦର

ଭାରତୀୟ ପାଣିପାଗ ବିଭାଗ କହିଛି, ଆଗାମୀ ୭ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ଦକ୍ଷିଣ ଉପଦ୍ୱୀପ ଭାରତରେ କେରଳ, ମାହେ ଏବଂ କର୍ଣ୍ଣାଟକରେ ଝଡ଼ବର୍ଷା ସହ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହିସବୁ ଅଞ୍ଚଳରେ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ମଧ୍ୟ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ।

ବୁଧବାର ପର୍ଯ୍ୟନ୍ତ ଜମ୍ମୁ, କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବାଲ୍‌ଟିସ୍ତାନ, ମୁଜାଫରବାଦ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼ ଏବଂ ଦିଲ୍ଲୀରେ ମଧ୍ୟ ଏହିଭଳି ପରିସ୍ଥିତି ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଉତ୍ତର-ପଶ୍ଚିମ ଭାରତରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ କୋଙ୍କଣ ଏବଂ ଗୋଆରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ଆଗାମୀ ୩ ଦିନ ମଧ୍ୟରେ ପଶ୍ଚିମ ରାଜସ୍ଥାନରେ ଧୂଳିଝଡ଼ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଆଜି ମ୍ୟାଚ୍‌ର ବିଜେତା ଆସନ୍ତା ମଙ୍ଗଳବାର ଦିନ ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ ।

*****